# ପାଠ-୧୧

## ଅନୁସ୍ୱାର (ଂ)

**WORKSHEET**

୧. ଅପଠିତାଂଶଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।

ବଂଶୀର ସୁର ବଡ଼ ମଧୁର। ଯାହା କାନରେ ଥରେ ପଡ଼ିଛି ସିଏ ହିଂସା ଭାବ ଛାଡ଼ିଛି। ବଂଶୀଧର ବଂଶୀ ବଜାଇ ବଣରେ ଗାଈ ଚରାଏ। ମଣିଷ ଛାର ପଶୁପକ୍ଷୀ ମଧ୍ୟ ଜଡ଼ ପାଲଟି ଯାଆନ୍ତି।

ଦିନକର କଥା ବଂଶୀଧର ବଣରେ ଗାଈ ଛାଡ଼ିଦେଇ ଗଛ ମୂଳରେ ବସି ବଂଶୀ ବଜାଉଥିଲା। ସିଂହଟିଏ ଆସି ତା' ପାଖରେ ବସିଲା। ବଂଶୀ ସୁରରେ ସେ ହିଂସା ଛାଡ଼ି ଦେଇଥିଲା। ବଂଶୀଧରକୁ କହିଲା, 'ମିତ! ବଂଶୀ ବଜାଅ। ବଂଶୀସୁର ଭଲ ଲାଗୁଛି।'

କ) କାହାର ସ୍ୱର ମଧୁର ?

ଉ: ବଂଶୀର ସୁର ବଡ଼ ମଧୁର।

ODM EDUCATIONAL GROUP

ଖ) କିଏ ବଂଶୀ ବଜାଇ ବଣରେ ଗାଈ ଚରାଏ ?

Changing your Tomorrow

ଉ: ବଂଶୀଧର ବଂଶୀ ବଜାଇ ବଣରେ ଗାଈ ଚରାଏ।

ଗ) ବଂଶୀସୁର ଶୁଣି କିଏ ଆସି ପାଖରେ ବସିଲା ?

ଉ: ବଂଶୀସୁର ଶୁଣି ସିଂହ ଆସି ପାଖରେ ବସିଲା।

ଘ) ଦୁଇଟି ଅନୁସ୍ୱାର ଶବ୍ଦ ବାଛି ଲେଖ।

ଉ: ବଂଶୀ ବଂଶୀଧର

୨. ବିଷୟବସ୍ତୁ ସମ୍ପର୍କିତ ପ୍ରଶ୍ନଉତ୍ତର।

'ହିଂସା ଛାଡ଼ି ଅହିଂସା ବାଟରେ ଚଳିବାକୁ,

ବଂଶୀଧର ନିଜେ ବୁଝାଇଲେ ଉଭୟଙ୍କୁ।'

କ) ଉକ୍ତ ପଦ୍ୟାଂଶଟି କେଉଁ ବିଷୟରୁ ଆସିଛି ?

ଉ: ଉକ୍ତ ପଦ୍ୟାଂଶଟି 'ପା୦-୧୧- ଅନୁସ୍ୱାର'ରୁ ଆସିଛି।

ଖ) କ'ଣ ଛାଡ଼ି ଅହିଂସା ବାଟରେ ଚଳିବାକୁ ବଂଶୀଧର ବୁଝାଇଲେ ?

ଉ: ହିଂସା ଛାଡ଼ି ଅହିଂସା ବାଟରେ ଚଳିବାକୁ ବଂଶୀଧର ବୁଝାଇଲେ।

ଗ) ବିପରୀତ ଶବ୍ଦ ଲେଖ।

ହିଂସା - ଅହିଂସା

୩. ଇଂରାଜୀରୁ ଓଡ଼ିଆ କର।

Swan- ହଂସ

Tiger- ବାଘ

Lion- ସିଂହ

Meat- ମାଂସ

News- ସଂବାଦ

୪. ପଦଟିକୁ ପୂରଣ କର।

ଅସଂଯତ ହୋଇ ସିଂହ ଯାଉଥିଲା,

ମାମସୀ ଦେଲା ଘଣ୍ଟି

ଦଂଶନ ସଂବାଦଶୁଣି ବଂଶୀଧର।

ଆସି ବଜାଇଲା ଘଣ୍ଟି।